# ୧୦ ଦିନିଆ ଗ୍ରୀଷ୍ମକାଳୀନ ତାଲିମ୍ ଶିବିର



ଭୁବନେଶ୍ୱର,୨୨।୫(ବ୍ୟୁରୋ): ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ସିଙ୍ଗାପୁରର ଫ୍ୟାମିଲ୍ ଆଫେୟାର୍ସର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ କୋରାପୁଟ ଭବନ ଠାରେ ଗ୍ରୀଷ୍ମକାଳୀନ ତାଲିମ୍ ଶିବିର ଆୟୋଜିତ କରାଯାଇଛି। ଏହା ୧୦ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ନିଳାଦ୍ରୀବିହାର, ସାଲିଆସାହି, ବୁଦ୍ଧନଗର, ଅଶୋକନଗର, ସହିଦନଗର, କାର୍ଗିଲ୍ ବସ୍ତିରୁ ପ୍ରାୟ ୧୨୦ ଜଣ ପିଲା ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଶିବିରରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ସମ୍ପାଦକ ଡ. ନାରାୟଣ ରାଓ ଯୋଗଦେଇ ଅହେଳିତ ପିଲାଙ୍କୁ ଶିକ୍ଷା ଗ୍ରହଣ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ। ଫ୍ୟାମିଲ୍ ଆଫେୟାର୍ସର ପ୍ରତିଷ୍ଠାତା ଡକ୍ଟର ବିଜ୍ଞାନ ରାଓ ପିଲାମାନଙ୍କୁ ଯୋଗଶିକ୍ଷା ପ୍ରତି ମନ ବଳାଇବା ଓ

- ଅବହେଳିତ ପିଲାଙ୍କୁ ଯୋଗଶିକ୍ଷା
- ସୃଜନାତ୍ମକ ଓ କଳା ଶିକ୍ଷାକୁ ଗୁରୁତ୍ୱ

ସେମାନଙ୍କୁ ବଞ୍ଚିବାର କଳା ଶିକ୍ଷା ପ୍ରଦାନ କରିଥିଲେ। ୧୦ ଦିନରେ ମଧ୍ୟରେ ସମସ୍ତ ପିଲାଙ୍କୁ ଗୋଟିଏ ଦିନ ନିକୋପାର୍କ ବୁଲାଇ ନିଆଯିବ ବୋଲି ରୁଚିକା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କଳାକାର ଲଲାଟେନ୍ଦୁ ରଥ, ରୁଚିକାର କର୍ମକର୍ତ୍ତା ତୃପ୍ତିରାଣୀ ମହାପାତ୍ର, ସରୋଜ ସାହା, ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା।


ସମର କ୍ୟାମ୍ପରେ ଭାଗ ନେଇଥିବା ବସ୍ତିର ପିଲାମାନେ ।

# ସମର କ୍ୟାମ୍ପ୍‌ରେ ମଜା ନେଲେ ବସ୍ତି ପିଲା

ପୁରୁଣା ଭୁବନେଶ୍ୱର, ୨୨।୫(ଡି. ଏନ୍.ଏ.) – ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ବସ୍ତିରେ ରହୁଥିବା ପିଲାମାନଙ୍କୁ ନେଇ ସ୍ଥାନୀୟ କୋରାପୁଟ ଭବନଠାରେ ଏକ ସ୍ୱତନ୍ତ୍ର ସମରକ୍ୟାମ୍ପ୍ ଆୟୋଜିତ ହେଉଛି। ସୋମବାର ଏହି କ୍ୟାମ୍ପ୍‌ରେ ବିଭିନ୍ନ ବସ୍ତିର ପ୍ରାୟ ୧୨୩ଜଣ ପିଲା ଭାଗ ନେଇଥିଲେ। ଡ୍ରେସ୍ ଡିଜାଇନ, ଖେଳକୁଦ, ଶିକ୍ଷଣୀୟ ସିନେମା ଦେଖାଇବା ଓ ପାର୍କ ବୁଲାଇବା ଆଦି କାର୍ଯ୍ୟକ୍ରମ ଏଥିରେ ରହିଛି। ପିଲାମାନେ ଏହାର ଭରପୂର ମଜ୍ଜା ନେଇଥିଲେ। ସିଙ୍ଗାପୁରର ଏକ ସଂସ୍ଥା ସହ ସ୍ଥାନୀୟ ରୁଚିକା ସମାଜ ମଙ୍ଗଳ ସଂଗଠନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ସମରକ୍ୟାମ୍ପ୍ ୧୦ ଦିନ ଧରି ଚାଲିବ। ସମରକ୍ୟାମ୍ପ୍‌ରେ ରୁଚିକାର ନାରାୟଣ ରାଓ, ସରୋଜ ଶାହା, ତୃପ୍ତିରାଣୀ ମହାପାତ୍ର, ଘନଶ୍ୟାମ ଭୋଇ ଓ ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।